ଜିଲ୍ଲାପାଳଙ୍କକାର୍ଯ୍ୟାଳୟ, ପୁରୀ
(ଅନୁସୂଚିତଜନଜାତି ଓ ଅନୁସୂଚିତଜାତିଉନ୍ନୟନଉପବିଭାଗ)

ସଂଖ୍ୟା: ୨୪୨  ତା. ୨୮.୧୧.୨୦୨୪.

## ବିଜ୍ଞପ୍ତି

ଡଃ ବଳରାମ ସିଂ ବନାମ ଭାରତସରକାର [WP(C) ନଂ ୩୨୪/୨୦୨୦] ମାମଲାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଦତ୍ତରାୟ ଏବଂ ଭାରତ ସରକାରଙ୍କ ସାମାଜିକନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ଜିଲ୍ଲା ଅନ୍ତର୍ଗତ ସମସ୍ତ ସହରାଞ୍ଚଳ ଏବଂ ପଞ୍ଚାୟତ ସମିତିରେ ମାନୁଆଲ ସ୍କାଭେଞ୍ଜର ରୁଲ-୨୦୧୩ ରେ ଥିବା ବ୍ୟବସ୍ଥା ଅନୁଯାୟୀ କରାଯାଇଥିବା ସର୍ଭେଅନୁସାରେ ଏହି ଜିଲ୍ଲାରେ କୌଣସି ଅସ୍ୱାସ୍ଥକର ପାଇଖାନା (ଇନସାନିଟାରୀ ଲାଟ୍ରିନ) କିମ୍ବା ହସ୍ତକୃତ ଭାବରେ ମଳସଫେଇ କରୁଥିବା ବ୍ୟକ୍ତି (ମାନୁଆଲ ସ୍କାଭେଞ୍ଜର) ନାହାନ୍ତି। ଏଣୁ ପୁରୀ ଜିଲ୍ଲାପ୍ରଶାସନ, ଏହି ଜିଲ୍ଲାକୁ ଅସ୍ୱାସ୍ଥକର ପାଇଖାନା (ଇନସାନିଟାରୀ ଲାଟ୍ରିନ) କିମ୍ବା ହସ୍ତକୃତ ଭାବରେ ମଳସଫେଇ କରୁଥିବାବ୍ୟକ୍ତି (ମାନୁଆଲ ସ୍କାଭେଞ୍ଜର) ମୁକ୍ତ ଜିଲ୍ଲାଭାବରେ ଘୋଷଣା କରିବାକୁ ଯାଉଛନ୍ତି। ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏ ସମ୍ପର୍କରେ କିଛି ଆପତ୍ତି / ଅଭିଯୋଗ / ମତାମତ ଦେବାକୁ ଚାହୁଁଛନ୍ତି, ସେମାନେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଜିଲ୍ଲାମଙ୍ଗଳ ଅଧିକାରୀ , ପୁରୀ ଙ୍କ କାର୍ଯ୍ୟାଳୟ ରେ ଲିଖିତ ଆକାରରେ ଜଣାଇପାରିବେ। ନିର୍ଦ୍ଧାରିତ ସମୟସୀମା ପରେ ହସ୍ତଗତ ହୋଇଥିବା ଆପତ୍ତି / ଅଭିଯୋଗ / ମତାମତକୁ ଗ୍ରହଣ କରାଯିବ ନାହିଁ।

ଜିଲ୍ଲାପାଳ, ପୁରୀ

(PK)

ଜ୍ଞାପନସଂଖ୍ୟା ୨୪୩  ତାରିଖ ୨୮.୧୧.୨୦୨୪.

ଏହାର ଏକକିତାନକଲ ପୁରୀ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ /କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୁରୀ,ମ୍ୟୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ,ପିପିଲ /କୋଣାର୍କ/ ନିମାପଡା/ ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୁରୀ ଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା ।

ଅତ୍ର କାର୍ଯ୍ୟାଳୟ ସୂଚନା ଫଳକ ରେ ପ୍ରଦର୍ଶନ କରାଗଲା

୨୮/୧୧/୨୪

ଜିଲ୍ଲାମଙ୍ଗଳ ଅଧିକାରୀ , ପୁରୀ

ଜ୍ଞାପନସଂଖ୍ୟା ୨୪୪  ତାରିଖ ୨୮.୧୧.୨୦୨୪.

ଏହାର ଏକକିତା ନକଲ ଜିଲ୍ଲା ପରିଚାଳକ, ଇ-ଗଭରନାନ୍ସ, ପୁରୀ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ଏହା ପୁରୀ ଜିଲ୍ଲା ୱେବସାଇଟରେ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା ।

୨୮/୧୧/୨୪

ଜିଲ୍ଲାମଙ୍ଗଳ ଅଧିକାରୀ , ପୁରୀ